# NATIONAL NEWS BULLETIN (ODIA)
## 11 February - 2026
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଦେଶର ଭିତ୍ତିଭୂମି କ୍ଷେତ୍ର ବିକାଶ ଲାଗି ସରକାର ଗ୍ରହଣ କରୁଛନ୍ତି ତ୍ୱରିତ ପଦକ୍ଷେପ, କହିଲେ ଅର୍ଥମନ୍ତ୍ରୀ ।

– ଲୋକସଭା ଏବଂ ରାଜ୍ୟସଭାରେ କେନ୍ଦ୍ର ବଜେଟ୍ ୨୦୨୬-୨୭ ଉପରେ ଆଲୋଚନା ଜାରି ।

- ବିରୋଧି ଦଳ ନେତା ରାହୁଲ ଗାନ୍ଧିଙ୍କ ବିରୋଧରେ ସରକାର ଆଗତ କରିବେ ସ୍ୱାଧିକାର ଭଙ୍ଗ ନୋଟିସ୍, ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ସୂଚନା ।

- ଭାରତୀୟ ନିର୍ବାଚନ ଆୟୋଗ ପକ୍ଷରୁ ଭୋଟିଂ ମେସିନ୍ ବ୍ୟବହାର ସମ୍ପର୍କରେ ବିଭିନ୍ନ ରାଜ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ।

ଏବଂ

- ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ପ୍ରତିଯୋଗିତାର ଆଜିର ତୃତୀୟ ମ୍ୟାଚ୍‌ରେ ଇଂଲଣ୍ଡ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଖେଳ ଜାରି ।

# ଏଲ୍‌ଏସ୍-ୟୁନିୟନ୍ ବଜେଟ୍

ଲୋକସଭାରେ ଆଜି କେନ୍ଦ୍ର ବଜେଟ୍ ୨୦୨୬-୨୭ ଉପରେ ଆଲୋଚନା ଜାରି ରହିଛି । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଲୋଚନାରେ ଭାଗ ନେଇ କହିଛନ୍ତି, ଦେଶରେ ଭିତ୍ତିଭୂମି କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ଲାଗି ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି । ସେ କହିଛନ୍ତି, ଏମ୍.ଏସ୍.ଏମ୍.ଇ. ଉପରେ ଅଧିକ ସ୍ୱତନ୍ତ୍ର ଧ୍ୟାନ କେନ୍ଦ୍ରିତ କରାଯିବା ସହ ଶ୍ରମ ଭିତ୍ତିକ କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦିଆଯାଉଛି । ଗୁଣାତ୍ମକ ଶିକ୍ଷା ପ୍ରଦାନ ଲାଗି କେନ୍ଦ୍ର ସରକାର ରାଜ୍ୟଗୁଡ଼ିକ ସହ ମିଶି କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି ।

ଆଲୋଚନାରେ ଅଂଶଗ୍ରହଣ କରି ଏଲ୍.ଜେ.ପି. (ଆର୍) ସାଂସଦ ଅରୁଣ ଭାରତୀ କହିଛନ୍ତି, ଦେଶର ବିକାଶ ପାଇଁ ଏହି କେନ୍ଦ୍ର ବଜେଟ୍ ଉଦ୍ଦିଷ୍ଟ । ସେ ଏହାକୁ ଏକ ସମାବେଶୀ ଓ ଦୂରଦୃଷ୍ଟି ସମ୍ପନ୍ନ ବଜେଟ୍ ବୋଲି କହିବା ସହ ୨୦୪୭ ବିକଶିତ ଭାରତ ଗଠନ ଲକ୍ଷ୍ୟକୁ ପୂରଣ ଦିଗରେ ଏହା ଭିତ୍ତି ସ୍ଥାପନ କରିବ ବୋଲି କହିଛନ୍ତି । କେନ୍ଦ୍ର ବଜେଟ୍ ଏମ୍.ଏସ୍.ଏମ୍.ଇ. କ୍ଷେତ୍ର ଏବଂ ନିର୍ମାଣ କ୍ଷେତ୍ରକୁ ଅଧିକ ସୁଦୃଢ଼ କରୁଛି ବୋଲି ସେ ତାଙ୍କ ବକ୍ତବ୍ୟରେ କହିଛନ୍ତି । କେନ୍ଦ୍ର ସରକାର ବିହାରକୁ ପ୍ରାଥମିକତା ଦେଇଛନ୍ତି । ୨୦୦୪ ମସିହାରୁ ୨୦୧୪ ମସିହା ମଧ୍ୟରେ ବିହାରକୁ ୩ ଲକ୍ଷ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା

ବେଳେ ୨୦୧୪ରୁ ୨୦୨୪ ମସିହା ମଧ୍ୟରେ ଏହା ତିନିଗୁଣ କରାଯାଇ ୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିପାରିଥିବା ଶ୍ରୀ ଭାରତୀ କହିଛନ୍ତି ।

ସେହିପରି ସିକ୍କିମ୍ କ୍ରାନ୍ତିକାରୀ ମୋର୍ଚ୍ଚାର ଇନ୍ଦ୍ର ହାଙ୍ଗ ସୁବା କହିଛନ୍ତି, ଚଳିତ ବଜେଟ୍‌ରେ ସମାଜର ସମସ୍ତ ବର୍ଗର ଲୋକଙ୍କ କଲ୍ୟାଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ଭାରତକୁ ଆତ୍ମନିର୍ଭରଶୀଳ କରିବା ଲାଗି ସବୁ ବର୍ଗକୁ ସଶକ୍ତ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି ।

ବିଜେପିର ସୁଧୀର ଗୁପ୍ତା କେନ୍ଦ୍ର ବଜେଟ୍‌କୁ ପ୍ରଶଂସା କରି କହିଛନ୍ତି, ଏହି ବଜେଟ୍ ୨୦୪୭ ବିକଶିତ ଭାରତ ଗଠନ ଲକ୍ଷ୍ୟ ପୂରଣ କରିବା ଦିଗରେ ସହାୟକ ହେବ । ସେ କହିଛନ୍ତି, ୟୁ.ପି.ଏ. ଶାସନ କାଳରେ ୨୦୧୩-୧୪ରେ କେନ୍ଦ୍ର ବଜେଟ୍ ପରିମାଣ ୧୬ ଲକ୍ଷ କୋଟି ଟଙ୍କା ଥିବା ବେଳେ ଏନ୍.ଡି.ଏ. ଶାସନ କାଳରେ ୨୦୨୬-୨୭ରେ ଏହି ପରିମାଣ ୫୩ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି । ପ୍ରତିରକ୍ଷା କ୍ଷେତ୍ରରେ ବଜେଟ୍ ପରିମାଣ ୬ ଲକ୍ଷ ୮୦ ହଜାର କୋଟି ଟଙ୍କା କରାଯାଇଛି, ଯାହାକି ୟୁ.ପି.ଏ. ସରକାରଙ୍କ ଶାସନ କାଳରେ ଏହାର ପରିମାଣ ୨ ଲକ୍ଷ କୋଟି ଟଙ୍କା ଥିଲା ।

ଲୋକସଭାରେ ବିରୋଧି ଦଳ ନେତା ରାହୁଲ ଗାନ୍ଧି କହିଛନ୍ତି, କେନ୍ଦ୍ର ବଜେଟ୍‌ରେ କୃତ୍ରିମ ବୁଦ୍ଧିମତା (ଏ.ଆଇ.) ଉପରେ ଅଧିକ ପ୍ରାଧାନ୍ୟ

ଦିଆଯାଇଛି, ଯାହାକି ଇଞ୍ଜିନିୟରିଂ ଏବଂ ଆଇ.ଟି. ସେକ୍ଟରରେ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ଆଶଙ୍କା ଜନକ ପରିସ୍ଥିତି ସୃଷ୍ଟି ହୋଇପାରେ ।

ବିଜେପିର ଅନୁରାଗ ସିଂହ ଠାକୁର କହିଛନ୍ତି, ବଜେଟ୍‌ରେ ଗରିବଙ୍କ କଲ୍ୟାଣ, ମହିଳାଙ୍କୁ ସଶକ୍ତ, କୃଷକମାନଙ୍କ ଉନ୍ନତି ଏବଂ ଯୁବବର୍ଗଙ୍କୁ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ପ୍ରାଧାନ୍ୟ ଦିଆଯାଇଛି । ଶିବସେନାର ଶ୍ରୀକାନ୍ତ ସିନ୍ଦେ କହିଛନ୍ତି, ଚଳିତ ବଜେଟ୍ ହେଉଛି ନୂତନ ଭାରତର ପ୍ରତିଫଳନ । ଯେଉଁଥିରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନିଯୁକ୍ତି ଉପରେ ଅଧିକ ପ୍ରାଧାନ୍ୟ ଦିଆଯାଇଛି ।

## ଆର୍‌ଏସ୍-ୟୁନିୟନ୍ ବଜେଟ୍

ରାଜ୍ୟସଭାରେ କେନ୍ଦ୍ର ବଜେଟ୍ ୨୦୨୬-୨୭ ଉପରେ ଆଲୋଚନା ଜାରି ରହିଛି । ଆଇ.ୟୁ.ଏମ୍.ଏଲ୍. ହରିଶ ବିରାନ ସମାଲୋଚନା କରି କହିଛନ୍ତି, ଚଳିତ ଥର ବଜେଟ୍‌ରେ କୃଷକ ଏବଂ ମତ୍ସ୍ୟଜୀବୀଙ୍କ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇନାହିଁ । ବଜେଟ୍‌ରେ କେରଳକୁ ଉପେକ୍ଷା କରାଯାଇଥିବା ସେ ଅଭିଯୋଗ କରିଛନ୍ତି ।

ବିଜେପିର ଅଶୋକ ଚଭନ କହିଛନ୍ତି, ବଜେଟ୍‌ରେ ସମାଜର ଯୁବବର୍ଗ, ମହିଳା, କୃଷକ, ଉଦ୍ୟୋଗୀ, ଗରିବ, ଅବହେଳିତ ବର୍ଗଙ୍କ ପାଇଁ ଧ୍ୟାନ କେନ୍ଦ୍ରୀତ କରାଯାଇଛି । ସମଗ୍ର ଦେଶ ପାଇଁ ଏହି ବଜେଟ୍ ଉଦ୍ଦିଷ୍ଟ ବୋଲି ସେ କହିଛନ୍ତି ।

ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେ.ଡି.ଏସ୍. ନେତା ଏଚ୍.ଡି. ଦେବଗୌଡ଼ା କହିଛନ୍ତି, ବିଶ୍ୱର ନେତୃତ୍ୱ ନେବା ଲାଗି ଭାରତ ନିକଟରେ ପ୍ରତିଭା, ଆକାଂକ୍ଷା ଏବଂ ଉଦ୍ୟୋଗୀ ମନୋଭାବ ରହିଛି । ଚଳିତ ବଜେଟ୍ କେବଳ ସଂଖ୍ୟା ପାଇଁ ସ୍ମରଣୀୟ ହୋଇ ରହିବ ନାହିଁ ବରଂ ଅର୍ଥନୀତି ପ୍ରଗତୀ ଦିଗରେ ପଦକ୍ଷେପ ପାଇଁ ସ୍ମରଣୀୟ ହେବ, ଯାହାକି ଭବିଷ୍ୟତକୁ ସଶକ୍ତ ଦିଗରେ ସୁନିଶ୍ଚିତ କରିବା ଲାଗି ସହାୟକ ହେବ ବୋଲି ସେ କହିଛନ୍ତି । ସେ କହିଛନ୍ତି, ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ନିଯୁକ୍ତି ସୁଯୋଗକୁ କେନ୍ଦ୍ର ସରକାର ଅଧିକ ପ୍ରାଧାନ୍ୟ ଦେବାର ଆବଶ୍ୟକତା ରହିଛି ।

କଂଗ୍ରେସର ରାଜୀବ ଶୁକ୍ଲା ଏକ ଅତିରିକ୍ତ କିମ୍ବା ସଂଶୋଧିତ ବଜେଟ୍ କରିବା ପାଇଁ ଦାବି କରିଛନ୍ତି । କାରଣ ସଂସଦରେ ବଜେଟ୍ ଉପସ୍ଥାପନ ପରେ ଆମେରିକା ସହିତ ବୁଝାମଣା ଘୋଷଣା କରାଯାଇଥିଲା ।

## ରିଜିଜୁ-ରାହୁଲ ଗାନ୍ଧି

କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ଲୋକସଭାରେ ବଜେଟ୍ ଆଲୋଚନା ସମୟରେ ବିରୋଧି ଦଳ ନେତା ରାହୁଲ ଗାନ୍ଧି ଗୃହରେ ବିଭ୍ରାନ୍ତିକର ଏବଂ ଭିତ୍ତିହୀନ ମନ୍ତବ୍ୟ ଦେଇଥିବା ଯୋଗୁଁ ତାଙ୍କ ବିରୋଧରେ ସରକାର ସ୍ୱାଧୀକାରଭଙ୍ଗ ନୋଟିସ୍ ଆଗତ କରିବେ । ଗଣମାଧ୍ୟମକୁ ସୂଚନା ଦେଇ କିରଣ ରିଜିଜୁ କହିଛନ୍ତି, ରାହୁଲ

ଗାନ୍ଧି’ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ମିଥ୍ୟା ଏବଂ ଅର୍ଥହୀନ ଅଭିଯୋଗ ଆଣିଛନ୍ତି । କୌଣସି ନୋଟିସ୍ ବିନା ରାହୁଲ ଗାନ୍ଧି ଏପରି ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଆଣିଥିବାରୁ ସେ ତାହାର ସମାଲୋଚନା କରିଛନ୍ତି ।

ସେହିପରି ହରଦୀପ ସିଂହ ପୁରୀଙ୍କ ବିରୋଧରେ ବିନା ନୋଟିସ୍‌ରେ ରାହୁଲ ଗାନ୍ଧି ଆଣିଥିବା ଅଭିଯୋଗକୁ ଶ୍ରୀ ରିଜିଜୁ ସମାଲୋଚନା କରିଛନ୍ତି ।

## ଇସିଆଇ-ଆୱାର୍‌ନେସ୍ କ୍ୟାମ୍ପେନ୍

ଭାରତୀୟ ନିର୍ବାଚନ ଆୟୋଗ ଇ.ସି.ଆଇ. ପକ୍ଷରୁ ନିର୍ବାଚନ ହେବାକୁ ଥିବା ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ ଏବଂ ଭିଭିପାଟ୍ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଆସାମ, କେରଳ, ପୁଡୁଚେରୀ, ତାମିଲନାଡୁ ଏବଂ ପଶ୍ଚିମବଙ୍ଗରେ ଭୋଟରମାନଙ୍କୁ ଇ.ଭି.ଏମ୍.ର ବ୍ୟବହାର ସମ୍ପର୍କରେ ସଚେତନତା କରିବା ଲାଗି ଏହିସବୁ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା କୁହାଯାଇଛି । ଏହିସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଆୟୋଜିତ ଇ.ଭି.ଏମ୍. ବ୍ୟବହାର ସମ୍ପର୍କିତ ସିବିରରେ ଏକ ଲକ୍ଷ ୨୦ ହଜାର ଭୋଟର ଅଂଶଗ୍ରହଣ କରିଥିଲେ । ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ମୁଖ୍ୟାଳୟ ଏବଂ ରିଟର୍ଣ୍ଣିଂ ଅଫିସର୍ ଏବଂ ରାଜସ୍ୱ ସବ୍‌ଡିଭିଜନ୍ ମୁଖ୍ୟ କାର୍ଯ୍ୟାଳୟ

ଠାରେ ଏହି ସିବିରର ଆୟୋଜନ କରାଯାଇଥିଲା । ଇ.ଭି.ଏମ୍. ଏବଂ ଭିଭିପାଟ୍ ମେସିନ୍ ସମ୍ପର୍କରେ ଭୋଟରମାନଙ୍କ ମଧ୍ୟରେ ଅଭିଜ୍ଞତା ପ୍ରଦାନ ଏବଂ ଆସ୍ଥା ବୃଦ୍ଧି କରିବା ଲାଗି ଏହି ଅଭିଯାନର ଲକ୍ଷ୍ୟ ରହିଥିବା ଇ.ସି.ଆଇ. ପକ୍ଷରୁ କୁହାଯାଇଛି । ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ଏବଂ ପରିଚାଳନାଗତ ତ୍ରୁଟି ସୁଧାରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ।

## ଡିଫେନ୍ସ ଆକୋମୋଡେସନ୍

ପ୍ରତିରକ୍ଷା କର୍ମଚାରୀଙ୍କୁ ବାସଗୃହ ଆବଣ୍ଟନ ସମୟରେ ପରିବାରର ପରିବର୍ଦ୍ଧିତ ସଂଜ୍ଞା ପ୍ରସ୍ତାବକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଅନୁମୋଦନ କରିଛନ୍ତି । ପରିବର୍ତ୍ତିତ ନିୟମରେ ପିତାମାତାଙ୍କ ସହ ନିର୍ଭରଶୀଳ ସନ୍ତାନ, ଆଇନଗତ ଭାବେ ଗ୍ରହଣ କରାଯାଇଥିବା ପୋଷ୍ୟ ସନ୍ତାନ ଏବଂ ସାବତ ପିଲାମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ନୂଆ ନିୟମରେ ଅବିବାହିତ ମହିଳା କର୍ମଚାରୀଙ୍କ ସହ ରହୁଥିବା ପିତାମାତା ଉପକୃତ ହେବେ । ବୟସ୍କ ପିତାମାତା ଏବଂ ବରିଷ୍ଠ ନାଗରୀକଙ୍କ ଲାଳନପାଳନ ପାଇଁ ଏହି ନିୟମ ସହାୟକ ହେବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଦେଇଛି ।

# ଦିଲ୍ଲୀ-ମେଟ୍ରୋ

ଦିଲ୍ଲୀ ସରକାର ଆଜି ମେଟ୍ରୋ ଫେଜ୍ ରେଳ ଲାଇନ୍ ଫାଇଭ୍-ଏ ଅନ୍ତର୍ଗତ ତିନୋଟି ନୂତନ କରିଡ଼ରକୁ ଅନୁମୋଦନ କରିଛନ୍ତି । ଏଥିରେ ୧୩ଟି ମେଟ୍ରୋ ଷ୍ଟେସନ୍ ସହ ୧୬ କିଲୋମିଟର ଦୀର୍ଘତା ବିଶିଷ୍ଟ ରେଳ ଲାଇନ୍ ଅନ୍ତର୍ଭୁକ୍ତ । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖାଗୁପ୍ତା କହିଛନ୍ତି, ରାଜଧାନୀର ସାଧାରଣ ପରିବହନ ବ୍ୟବସ୍ଥାର ଆଧୁନିକୀକରଣ ଏବଂ ସୁଦୃଢ଼ିକରଣ ଦିଗରେ ଏହା ଏକ ବୃହତ ପଦକ୍ଷେପ । ଏହି ସମଗ୍ର ପ୍ରକଳ୍ପ ପାଇଁ ୧୨ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏଥିରେ ଦିଲ୍ଲୀ ସରକାରଙ୍କର ବଜେଟ୍ ସହାୟତା ପରିମାଣ ୨ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରହିଛି ।

ଅନୁମୋଦିତ ହୋଇଥିବା ତିନୋଟି କରିଡ଼ର ମଧ୍ୟରେ ରହିଛି – ଆର୍.କେ. ଆଶ୍ରମରୁ ଇନ୍ଦ୍ରପ୍ରସ୍ଥ ଭାୟା ସେଣ୍ଟ୍ରାଲ୍ ଭିସ୍ତା, ତୁଗଲକ୍‌ବାଦରୁ କାଳିନ୍ଦୀକୁଞ୍ଜ ଏବଂ ଏରୋସିଟିରୁ ଇନ୍ଦିରା ଗାନ୍ଧି ଡୋମିଷ୍ଟିକ୍ ଟର୍ମିନାଲ୍-ୱାନ୍ । ଏହି ମେଟ୍ରୋ ସମ୍ପ୍ରସାରଣ ଯୋଗୁଁ ଦିଲ୍ଲୀକୁ ସ୍ୱଚ୍ଛ ବିଶ୍ୱସ୍ତରରେ ପ୍ରତିଯୋଗିତା ସମ୍ପନ୍ନ ଏବଂ ଅଧିକ କାର୍ଯ୍ୟକ୍ଷମ କରିପାରିବ । ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନାଗରିକ କେନ୍ଦ୍ରିତ ପରିବହନ ବ୍ୟବସ୍ଥା ଗଠନ ଦିଗରେ କେନ୍ଦ୍ର ସହ ମିଶି କାର୍ଯ୍ୟ କରିବାକୁ ରାଜ୍ୟ ସରକାର ପ୍ରତିବଦ୍ଧ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ୱାର୍ଲ୍ଡକପ୍ କ୍ରିକେଟ୍

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଗ୍ରୁପ୍-ସି’ ମ୍ୟାଚ୍‌ରେ ମୁମ୍ବାଇର ୱାଙ୍ଖେଡ଼େ ଷ୍ଟାଡିୟମ୍‌ଠାରେ ଇଂଲଣ୍ଡ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ବର୍ତ୍ତମାନ ଖେଳ ଜାରି ରହିଛି । ଇଂଲଣ୍ଡ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ୱେଷ୍ଟଇଣ୍ଡିଜ୍ ୩ ଓଭରରେ ୨ ୱିକେଟ୍ ହରାଇ ୧୯ ରନ୍ ସଂଗ୍ରହ କରିଛି ।

ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍ ଠାରେ ଆଜି ଅନୁଷ୍ଠିତ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଆଫ୍‌ଗାନିସ୍ତାନ ବିରୋଧରେ ଦୁଇଟି ସୁପର ଓଭର ଖେଳି ବିଜୟ ହାସଲ କରିଛି । ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ଓଭର ୬ ୱିକେଟ୍ ହରାଇ ୧୮୭ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ଆଫ୍‌ଗାନିସ୍ତାନ ୧୯ ଓଭର ୪ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ସମାନ ରନ୍ ସଂଗ୍ରହ କରିଥିଲା ।

ଆଜିର ଅନ୍ୟ ଏକ ଗ୍ରୁପ୍-ବି’ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ’ ୬୭ରନ୍‌ରେ ଆୟରଲାଣ୍ଡକୁ ପରାସ୍ତ କରିଛି । ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୬ ୱିକେଟ୍ ହରାଇ ୧୮୨ରନ୍ ସଂଗ୍ରହ କରିଥିବା

ବେଳେ ଏହାର ଜବାବରେ ଆୟରଲାଣ୍ଡ ଦଳ ୧୬ ଓଭର ୫ଟି ବଲ୍‌ରେ ୧୧୫ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା ।

## ହକି-ଏଫ୍‌ଆଇଏଚ୍

ଏଫ୍.ଆଇ.ଏଚ୍. ପ୍ରୋଲିଗ୍ ହକି ପ୍ରତିଯୋଗିତାରେ ଆଜି ଭାରତ ଓ ବେଲ୍‌ଜିୟମ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ । ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ୍‌ଠାରେ ଆଉ ଅଳ୍ପ ସମୟ ପରେ ଏହି ମ୍ୟାଚ୍ ଆରମ୍ଭ ହେବ ।